ପ୍ରମେୟ

ତାରିଖ: ୧୩.୦୭.୨୦୧୮

# ବିଆଇଆଇଟିଏମ୍‌ରେ ଜାତୀୟସ୍ତରୀୟ ଆଲୋଚନାଚକ୍ର

ଭୁବନେଶ୍ୱର,୧୨।୭(ବ୍ୟୁରୋ): ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଆଇଟି ଆଣ୍ଡ ମ୍ୟାନେଜମେଣ୍ଟ (ବିଆଇଆଇଟିଏମ୍) ପରିସରରେ ବୁଧବାର ଏକ ଜାତୀୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। 'ବିଜନେସ୍ ଟ୍ରାନ୍‌ସ ଫରମେସନ୍ ଥ୍ରୁ ଇନୋଭେସନ୍ ଆଣ୍ଡ ଷ୍ଟ୍ରାଟେଜି' ଏହାର ଶୀର୍ଷକ ଥିଲା। ଉତ୍‌ଥାନ୍ ଓ ପତନ ବେଳେ ବ୍ୟବସାୟକୁ କିଭଳି ପରିଚାଳନା କରିବାକୁ ହେବ, ଏନେଇ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦିଆଯାଇଥିଲା।



ଅଲଟ୍ରାଟେକ୍ ସିମେଣ୍ଟ କମ୍ପାନିର ସିନିଅର ଭାଇସ୍ ପ୍ରେସିଡେଣ୍ଟ ଅମିତାଭ ପାଣ୍ଡେ ମୁଖ୍ୟବକ୍ତା ଭାବେ ଯୋଗ ଦେଇ କହିଥିଲେ, ପରିବର୍ତ୍ତିତ ଓ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ବ୍ୟବସାୟକୁ ଗତିଶୀଳ କରାଇବାକୁ ହେବ। ଏଥିପାଇଁ ପାରମ୍ପରିକ ରଣନୀତିକୁ ବଦଳେଇ ନୂତନତା ଏବଂ ସମସାମୟିକ ରଣନୀତି ଆପଣାବାକୁ ପଡିବ। ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ପ୍ରଫେସର ପିକେ ତ୍ରିପାଠୀ ସାମ୍ପ୍ରତିକ ବ୍ୟବସାୟିକ ସଙ୍କଟ ଓ ସ୍ଥିତି ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଏଥିରୁ ବର୍ତ୍ତିବା ପାଇଁ ରଣକୌଶଳରେ ପରିବର୍ତ୍ତନ ଆଣିବାକୁ ସେ ପରାମର୍ଶ ଦେଇଥିଲେ। ପ୍ରଫେସର ଡା. ସୂର୍ଯ୍ୟ କୁମାର ମିଶ୍ର ଓ ଟିସିଏସ୍ ସିନିଅର ମ୍ୟାନେଜର ମନୋରଞ୍ଜନ ପଣ୍ଡା ଉପଭୋକ୍ତାମାନଙ୍କ ଆବଶ୍ୟକତା ଓ ରୁଚିକୁ ଦୃଷ୍ଟିରେ ରଖି ପରିବର୍ତ୍ତନ ଧାରା ନିର୍ଦ୍ଧାରିତ କରିବାକୁ ପଡିବ ବୋଲି ମତ ଦେଇଥିଲେ।

ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ(ସୋଆ)ର ଏମ୍‌ବିଏ ଡିନ୍ ଡା. ଅନୁପ କୁମାର ସାମନ୍ତରାୟ, ଆଇଏମ୍‌ଆଇର ଆସୋସିଏଟ ପ୍ରଫେସର ଡା. ମନିତ କୁମାର ମିଶ୍ର କିଛି ପ୍ରତିଷ୍ଠିତ ସଂସ୍ଥାର ଉତ୍‌ଥାନ ଓ ପତନର ଉଦାହରଣ ଦେଇ ଏହାର କାରଣ ଓ ଆବଶ୍ୟକୀୟ ରଣନୀତି ସମ୍ପର୍କରେ ଆଲୋକପାତ କରିଥିଲେ। ଉପଦେଷ୍ଟା (ଏକାଡେମିକ୍‌ସ) ପିଆର ପଟ୍ଟନାୟକ କହିଥିଲେ ଯେ ଅଧ୍ୟାପକମାନେ ନିଜ ନିଜ ଗବେଷଣାର ଫଳାଫଳକୁ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇବା ଉଚିତ। ଆଲୋଚନାଚକ୍ରରେ ୪୫ଟି ଗବେଷଣା ସନ୍ଦର୍ଭ ଆଲୋଚନା ହୋଇଥିଲା। ସହକାରୀ ପ୍ରଫେସର ଜୟଲକ୍ଷ୍ମୀ ସାମଲ ଆଲୋଚନାଚକ୍ର ପରିଚାଳନା କରିଥିଲେ।